# ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆଧାରରେ P.D.S ହିତାଧିକାରୀ ଚୟନ

## ଯୋଗ୍ୟ ପରିବାରଙ୍କ ପଞ୍ଜୀକରଣ ଏବଂ ଆବେଦନ ପତ୍ର ଗ୍ରହଣ ବା ଡ଼ିଜିଟାଇଜେସନ ପଦ୍ଧତି ସଂକ୍ରାନ୍ତୀୟ ସାଧାରଣ ପ୍ରଶ୍ନାବଳୀ ର ସଠିକ ମାର୍ଗଦର୍ଶିକା ।

**ପ୍ରଶ୍ନ-୧ : ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଆଠ ଗୋଟି ବାଦଦେବା ମାନଦଣ୍ଡ (Exclusion Criteria) କ'ଣ ?**

I. ପରିବାରରେ ଯେ କୌଣସି ସଦସ୍ୟ ରେଜେଷ୍ଟ୍ରିଭୁକ୍ତ ଯାନର ମାଲିକ ହୋଇଥିବେ । ଯାନ ମଧ୍ୟରେ ତିନି ଚକିଆ (ଦୁଇ କିମ୍ବା ତତୋଽଧିକ)/ଚାରି ଚକିଆ / ଭାରୀ ଯାନ / ଯନ୍ତ୍ରଚାଳିତ ମାଛ ଧରା ଡ଼ଙ୍ଗା ଅର୍ନ୍ତଭୁକ୍ତ ଅଟେ ।

II. ପରବାରର ସଦସ୍ୟଙ୍କ ନାମରେ ଯନ୍ତ୍ରକୃତ (Mechanised) କୃଷି ଯନ୍ତ୍ରପାତି (ଯଥା ଟ୍ରାକ୍ଟର ଓ ହାରଭେଷ୍ଟର) ରେଜେଷ୍ଟ୍ରିଭୁକ୍ତ ହୋଇଥିବ ।

III. ପରିବାରର ଯେ କୌଣସି ସଦସ୍ୟ କେନ୍ଦ୍ର ସରକାର, ରାଜ୍ୟ ସରକାର, ସରକାରୀ ନିଗମ, ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଚାଳିତ ସଂସ୍ଥା କିମ୍ବା ପୌରପାଳିକା ସଂସ୍ଥାଙ୍କ ଦ୍ୱାରା ନିଯୁକ୍ତ ନିୟମିତ ସରକାରୀ କର୍ମଚାରୀ ହେଇଥିବେ । ଏହା ପ୍ରୋତ୍ସାହନ (Incentive) ଏବଂ ମାନ ଦେୟ (Honorarium) ପାଉଥିବା କର୍ମଚାରୀ ମାନଙ୍କ କ୍ଷେତ୍ରରୁ ବାଦ ଦିଆଯିବ । ସହରାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁ ମାନେ ମାସିକ ଟ.୧୫,୦୦୦/- ରୁ ଅଧିକ ବେତନ ପାଉଥିବେ । ଗ୍ରାମାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ମାସିକ ଟ.୧୦,୦୦୦/- ରୁ ଅଧିକ ବେତନ ପାଉଥିବେ ।

IV. ଯେଉଁ ପରିବାରର ଯେ କୌଣସି ସଦସ୍ୟଙ୍କ ଉଦ୍ୟୋଗ (Enterprises) ଗୁଡ଼ିକ ସାମଗ୍ରୀ ନିର୍ମାଣ ତଥା ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଏବଂ ସରକାରଙ୍କ ନିକଟରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବ ।

V. ସହରାଞ୍ଚଳରେ ଥିବା ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ଟ.୧୫,୦୦୦/- ରୁ ଅଧିକ ଏବଂ ଗ୍ରାମାଞ୍ଚଳରେ ଥିବା ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ଟ.୧୦,୦୦୦/- ରୁ ଅଧିକ ହୋଇଥିବ ।

VI. ପରିବାରର କୌଣସି ସଦସ୍ୟ ଆୟକର କିମ୍ବା ବୃତ୍ତିକର ଦେଉଥିବେ ।

VII. ପରିବାରରେ ଦୁଇ (୨) କିଲୋୱାଟ କିମ୍ବା ତତୁର୍ଦ୍ଧ୍ୱ ବିଦ୍ୟୁତ୍ ସଂଯୋଗ ଲୋଡ଼ ଥିବ ଏବଂ / କିମ୍ବା ଯେଉଁ ପରିବାର ମାସିକ ୩୦୦ ୟୁନିଟ୍ ରୁ ଅଧିକ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବେ (ବିଗତ ଏକ ବର୍ଷର ହାରାହାରି) ।

VIII. ସହରାଞ୍ଚଳରେ ବାସ କରୁଥିବା ପରିବାରର କୌଣସି ସଦସ୍ୟ ମାସିକ ଟ.୧୫,୦୦୦/- ରୁ ଉର୍ଦ୍ଧ୍ୱ ପେନସନ୍ ପାଉଥିବେ କିମ୍ବା ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରର କୌଣସି ସଦସ୍ୟ ମାସିକ ଟ.୧୦,୦୦୦/- ରୁ ଉର୍ଦ୍ଧ୍ୱ ପେନସନ୍ ପାଉଥିବେ ।

## ପ୍ରଶ୍ନ-୨: ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ପାଞ୍ଚ ଗୋଟି ସ୍ୱତଃ ଯୋଗହେବା ମାନଦଣ୍ଡ (Auto Inclusion Criteria) କ'ଣ ?

I. ବାସ ହୀନ ପରିବାର
II. ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରୁଥିବା ପରିବାର ।
III. ସମସ୍ତ ଆଦିମ ଅଧିବାସୀ (Primitive Tribal Groups) ପରିବାର ସମୂହ ।
IV. ଯେଉଁ ପରିବାରରେ କୌଣସି ସଦସ୍ୟ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥିବେ ।
V. ଯେଉଁ ପରିବାରରେ କୌଣସି ସଦସ୍ୟ ଶତକଡ଼ା ୪୦ ଭାଗରୁ ଅଧିକ ଶାରିରୀକ ବିକଳାଙ୍ଗ ହେଇଥିବେ ।

## ପ୍ରଶ୍ନ-୩: ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା 2013 (NFSA) ଆଇନ ଅନୁସାରେ PDS ହିତାଧିକାରୀ ଚୟନ ପାଇଁ ବ୍ୟବହୃତ ହେଉଥିବା "ଯୋଗ୍ୟ ପରିବାର" ର ଅର୍ଥ କଣ ?

ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଆଠଗୋଟି ବାଦଦେବା ମାନଦଣ୍ଡ (Exclusion Criteria) ଅଧିନରେ **ଆସୁ ନଥିବା କିମ୍ବା** ପାଞ୍ଚଟି ସ୍ୱତଃ ଯୋଗହେବା ମାନଦଣ୍ଡ (Auto Inclussion Criteria) ରୁ ଯେ କୌଣସି ଗୋଟିଏ **ସର୍ତ୍ତ ପୂରଣ କରୁଥିବା** ପରିବାର କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁସାରେ PDS ହିତାଧିକାରୀ ପାଇଁ ଯୋଗ୍ୟ ପରିବାର ରୂପେ ବିବେଚିନା କରାଯାଇପାରିବ ।

## ପ୍ରଶ୍ନ-୪: NFSA ଅନୁସାରେ ରେସନ କାର୍ଡ଼ ପାଇବା ପାଇଁ ଯୋଗ୍ୟ ପରିବାରକୁ କ'ଣ କରିବାକୁ ପଡ଼ିବ ?

ଯୋଗ୍ୟ ପରିବାର ଗୁଡ଼ିକୁ ପ୍ରଥମେ ପଞ୍ଜୀକରଣ କରାଯିବ । ପଞ୍ଜୀକରଣ ସମୟରେ ସଂଯୁକ୍ତ ପରିବାରକୁ ଗୋଟିଏ "ଆବେଦନ ପତ୍ର" ଓ ଗୋଟିଏ "ଅଗ୍ରୀମ ଟୋକନ" ଦିଆଯିବ । ଟୋକନ ରେ ଦିଆଯାଇଥିବା ତାରିଖରେ ଆବେଦନ ପତ୍ରଟିକୁ ପୂରଣ କରି ନିର୍ଦ୍ଧାରିତ କେନ୍ଦ୍ରରେ ଦାଖଲ କରିବାକୁ ହେବ ।

ଗ୍ରାମାଞ୍ଚଳରେ "ଆବେଦନ ପତ୍ର" ଓ "ଅଗ୍ରୀମ ଟୋକନ" ଦେବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳ ହୋଇଥିଲେ "ପ୍ରତି ୱାର୍ଡ଼ରେ" ଆବଶ୍ୟକ ସଂଖ୍ୟକ "ପଞ୍ଜୀକରଣ କେନ୍ଦ୍ର" ଏବଂ ଆବେଦନ ପତ୍ର ଗ୍ରହଣ ପାଇଁ "ଡ଼ିଜିଟାଇଜେସନ କେନ୍ଦ୍ର" କାର୍ଯ୍ୟକାରୀ କରାଯିବ ।

## ପ୍ରଶ୍ନ-୫: ପଞ୍ଜୀକରଣ କେନ୍ଦ୍ର ଓ ଡ଼ିଜିଟାଇଜେସନ କେନ୍ଦ୍ର ଚାଲିବା ପାଇଁ କିଛି ନିର୍ଦ୍ଦିଷ୍ଟ ସମୟ ସୀମା ଅଛି କି ?

କୌଣସି ଏକ ନିର୍ଦ୍ଦିଷ୍ଟ ଅଂଚଳ ପାଇଁ ପଞ୍ଜୀକରଣ କେନ୍ଦ୍ର ଗୋଟିଏ ସପ୍ତାହ ପାଇଁ କାର୍ଯ୍ୟ କରିବ । ସେହିପରି ପଞ୍ଜୀକରଣ ସରିବାପରେ ଡ଼ିଜିଟାଇଜେସନ କେନ୍ଦ୍ର "ଦୁଇ ସପ୍ତାହ" ପାଇଁ ଚାଲିବ । ପ୍ରତି ଅଂଚଳରେ ପଞ୍ଜୀକରଣ କେନ୍ଦ୍ର ଓ ଡ଼ିଜିଟାଇଜେସନ କେନ୍ଦ୍ରର କାର୍ଯ୍ୟକରଣ ସଂବଧୀୟ ତାରିଖ ଗଣମାଧ୍ୟମ ଏବଂ ପ୍ରଚାର / ପ୍ରସାର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ।

**ପ୍ରଶ୍ନ-୬: ଆବେଦନ ପତ୍ର ଗ୍ରହଣ ସମୟରେ ଏଥି ପାଇଁ ମୂଲ୍ୟ ଦେବାକୁ ପଡ଼ିବ କି ?**

"ଆବେଦନ ପତ୍ର" ଓ "ଟୋକନ" ପ୍ରତ୍ୟେକ ପଞ୍ଜୀକୃତ ଯୋଗ୍ୟ ପରିବାର ଗୁଡ଼ିକୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ । ଯଦି କୌଣସି କାରଣରୁ ପଞ୍ଜୀକରଣ କେନ୍ଦ୍ରରେ ଆବେଦନ ପତ୍ର ମହଜୁଦ ନଥାଏ, ତେବେ ଏହା www.foododisha.in ୱେବସାଇଟରୁ ଡ଼ାଉନଲୋଡ୍ କରିହେବ । ଏହି ଆବେଦନପତ୍ରର ଫଟୋକପି ବା ଜେରକ୍ସ କପି ମଧ୍ୟ ବ୍ୟବହାର କରାଯାଇ ପାରିବ । ଏଭଳି କ୍ଷେତ୍ରରେ ପଞ୍ଜୀକରଣ କେନ୍ଦ୍ରରୁ ପଞ୍ଜୀକରଣର ପ୍ରମାଣ ସ୍ୱରୂପ "ଟୋକନ" ଗ୍ରହଣ କରିବା ନିହାତି ଦରକାର ।

**ପ୍ରଶ୍ନ-୭: ଯେଉଁ ପରିବାରର ବର୍ତ୍ତମାନ ରେସନ କାର୍ଡ଼ ଅଛି, ସେମାନେ ନୂଆ କାର୍ଡ଼ ପାଇଁ ଆବେଦନ କରିବା ଦରକାର କି ?**

NFSA ଅନୁସାରେ ଯୋଗ୍ୟ ପରିବାର ଚୟନ କରାଯାଇ ନୂଆ ରେସନ କାର୍ଡ଼ ଦିଆଯିବ । ବର୍ତ୍ତମାନ ପ୍ରଚଳିତ କାର୍ଡ଼ ଗୁଡ଼ିକ ସମୟ କ୍ରମେ ଅକାମୀ ହୋଇଯିବ । ତେଣୁ ପରିବାରରେ ବର୍ତ୍ତମାନ ରେସନ କାର୍ଡ଼ ଥିଲେ ମଧ୍ୟ ଯଦି ତାହା NFSA ଅନୁସାରେ ଯୋଗ୍ୟ ପରିବାର ଅନ୍ତର୍ଭୁକ୍ତ ହେଉଥାଏ, ତେବେ ସେହି ପରିବାର ନୂଆ କାର୍ଡ଼ ପାଇଁ ଆବେଦନ କରିବା ନିହାତି ଦରକାର । ତେବେ ଆବେଦନ ପତ୍ରରେ ବର୍ତ୍ତମାନର ରେସନ କାର୍ଡ଼ର ତଥ୍ୟ ପୁରଣ କରିବାକୁ ପଡ଼ିବ ।

**ପ୍ରଶ୍ନ-୮: ଆବେଦନ ପତ୍ର ପୂରଣ କରିବା ପାଇଁ କାହାର ସହଯୋଗ ନେଇ ହେବ ?**

ଆବେଦନ ପତ୍ର ପୂରଣ କରିବା ପାଇଁ ସ୍ଥାନୀୟ ଅଂଗନୱାଡ଼ୀ କର୍ମୀଙ୍କ ସହାୟତା ନିଆଯାଇପାରିବ । ସହରାଞ୍ଚଳରେ କମ୍ୟୁନିଟି ଅରଗାନାଇଜର୍ ଙ୍କ ସହାୟତା ନିଆଯାଇ ପାରିବ । ଆବେଦନ ପୂରଣ କରିବା ପାଇଁ ଗୋଟିଏ ମାର୍ଗଦର୍ଶିକା ପଞ୍ଜୀକରଣ / ଡ଼ିଜିଟାଇଜେସନ୍ କେନ୍ଦ୍ରରେ ଉପଲବ୍ଧ ହେବ । ଏହା ବିଭାଗର ୱେବସାଇଟ୍ www.foododisha.in ରୁ ମଧ୍ୟ ଡ଼ାଉନ୍‌ଲୋଡ୍ କରାଯାଇପାରିବ ।

**ପ୍ରଶ୍ନ-୯: ଆବେଦନ ପତ୍ର ପୂରଣ କରିପାରିବା ପରେ ଏହାକୁ କେଉଁଠି ଦାଖଲ କରାଯିବ ?**

ଅଂଗନୱାଡ଼ୀ କର୍ମୀ / କମ୍ୟୁନିଟି ଅରଗାନାଇଜେସନ୍ ଙ୍କ ସହାୟତାରେ ଆବେଦନ ପତ୍ର ପୂରଣ କରନ୍ତୁ । ଟୋକନ ରେ ଦିଆଯାଇଥିବା ତାରିଖରେ ଆବେଦନ ପତ୍ର ଗ୍ରହଣ କରିଥିବା କେନ୍ଦ୍ରରେ ପହଞ୍ଚି ଏହାକୁ ଦାଖଲ କରନ୍ତୁ । (ଯେଉଁ କେନ୍ଦ୍ରରୁ ଟୋକନ ଗ୍ରହଣ କରାଯାଇଛି, କେବଳ ସେହିଠାରେ ହିଁ ଆବେଦନ ପତ୍ର ଗ୍ରହଣ କରାଯାଇପାରିବ । ଏଥିରେ ବ୍ୟତିକ୍ରମ କରନ୍ତୁ ନାହିଁ ।

**ପ୍ରଶ୍ନ-୧୦: ଆବେଦନ ପତ୍ର ଦାଖଲ କରିବା ସମୟରେ ପରିବାରର ସମସ୍ତ ସଦସ୍ୟ କେନ୍ଦ୍ରରେ ଉପସ୍ଥିତ ହେବା ଦରକାର କି ?**

ନାଁ, ପରିବାରର ଯେ କୌଣସି ଜଣେ ସଦସ୍ୟ ଉପସ୍ଥିତ ରହିବା ଦରକାର ।

**ପ୍ରଶ୍ନ-୧୧: ବାସସ୍ଥାନ ପାଇଁ କେଉଁ ପ୍ରମାଣ ପତ୍ର ଗୁଡ଼ିକ ବିଚାରକୁ ନିଆଯାଇ ପାରିବ ?**

ନିମ୍ନଲିଖିତ ୧୫ଟି ପ୍ରମାଣ ପତ୍ର ବା ଡ଼କୁମେଣ୍ଟ ମଧ୍ୟରୁ ଯେକୌଣସି ଗୋଟିଏ ର ମୂଳ କପି ପଞ୍ଜୀକରଣ / ଡ଼ିଜିଟାଇଜେସନ୍ କେନ୍ଦ୍ରକୁ ଆଣିବା ଦରକର ।

i. ବ୍ୟାଙ୍କ୍ ପାସବହି, ii. ପୋଷ୍ଟାଲ ପାସବହି, iii. ରେସନ କାର୍ଡ଼, iv. ଭୋଟର ପରିଚୟ ପତ୍ର, v. ଡ୍ରାଇଭିଙ୍ଗ୍ ଲାଇସେନ୍ସ, vi. ଇଲେକ୍ଟ୍ରି ବିଲ୍, vii. ପାଣି ଯୋଗାଣ ବିଲ୍, viii. ଲ୍ୟାଣ୍ଡ୍ ଲାଇନ୍ ଟେଲିଫୋନ୍ ବିଲ୍ ix. ଜୀବନ ବୀମା ପଲିସି, x. ମନରେଗା ଜବ କାର୍ଡ଼, xi. ପେନସନ୍ କାର୍ଡ଼, xii. ବାର୍ଦ୍ଧକ୍ୟ ଭତ୍ତା କାର୍ଡ଼ / ବିଧବା ଭତ୍ତା କାର୍ଡ଼ / ଭିନ୍ନକ୍ଷମ କାର୍ଡ଼, xiii. ସ୍ଵାଧୀନତା ସଂଗ୍ରାମୀ କାର୍ଡ଼, xiv. ରେଜିଷ୍ଟ୍ରି ଭକ୍ତ ହୋଇଥିବା ଯେ କୌଣସି ବିକ୍ରି ଦଲିଲ୍ / ଲିଜ୍ ଡ଼ିଲ୍ / ଭଡ଼ା ଚୁକ୍ତିନାମା, xv. ଗ୍ୟାସ ସଂଯୋଗ ବିଲ୍ ବା Consumer ବହି xvi. ଆଧାର କାର୍ଡ଼ ।

**ପ୍ରଶ୍ନ-୧୨ : ଗୋଟିଏ ପରିବାର ପାଖରେ କେବଳ EPIC ଅଛି । ଅନ୍ୟ କୌଣସି ବାସିନ୍ଦା ପ୍ରମାଣ ପତ୍ର ନାହିଁ । EPIC ରେ ଦିଆଯାଇଥିବା ବାସସ୍ଥାନ ଠିକଣା ରେସନ କାର୍ଡ଼ ପାଇଁ ଆବେଦନ କରିଥିବା ସ୍ଥାନଠାରୁ ଅଲଗା । ସେ କ୍ଷେତ୍ରରେ ଆବେଦନ କାରୀଙ୍କ ଆବେଦନ ଗ୍ରହଣ କରାଯଇ ପାରିବ କି ?**

ନାଁ, ସଂଯୁକ୍ତ ପରିବାର EPIC ରେ ଉଲ୍ଲେଖିତ ଠିକଣାରେ ରେସନ କାର୍ଡ଼ ପାଇଁ ଆବେଦନ କରିପାରିବେ ।

(EPIC ରେ ପ୍ରଦତ୍ତ ଠିକଣା ଯଦି ଆବେଦନ କାରୀଙ୍କ ବାସସ୍ଥାନର ଠିକଣା ହୋଇଥାଏ, ତେବେ EPIC କୁ ଉଭୟ ପରିଚୟ ଓ ବାସସ୍ଥାନ ପ୍ରମାଣ ପତ୍ର ରୂପେ ଗ୍ରହଣ କରାଯିବ)

**ପ୍ରଶ୍ନ-୧୩: ଆବେଦନ ପତ୍ର ଦାଖଲ ସମୟରେ କେଉଁ ଡ଼କୁମେଣ୍ଟ / ନଥିପତ୍ର ନେବାକୁ ହେବ ?**

(କ) ଆବେଦନ ପତ୍ର ଦାଖଲ କରବା ସମୟରେ ଅତିକମରେ ଜଣେ ସଦସ୍ୟଙ୍କ ଭୋଟର ଫଟୋ ପରିଚୟ ପତ୍ର (EPIC) ନେବା ବାଧ୍ୟତା ମୂଳକ ଅଟେ ।

(ଖ) ଏହା ବ୍ୟତୀତ ବର୍ତ୍ତମାନ ବାସ କରୁଥିବା ସ୍ଥାନର ଯେ କୌଣସି ଗୋଟିଏ ବାସିନ୍ଦା ପ୍ରମାଣ ପତ୍ର ନେବା ଦରକାର ।

(ଗ) ତା ଛଡ଼ା ଆବଶ୍ୟକ ମୁତାବକ, ନିମ୍ନଲିଖିତ ପ୍ରମାଣ ପତ୍ର ର ମୂଳ କପି ଓ ନକଲ ମଧ୍ୟ କେନ୍ଦ୍ରକୁ ନେବାକୁ ପଡ଼ିବ ।

(i) ବିଦ୍ୟୁତ ସଂଯୋଗ ବିଲ୍ ର ନକଲ

(ii) ଗ୍ୟାସ ସଂଯୋଗ ପ୍ରାପ୍ତିର ବହି

(iii) ଯଦି ପରିବାରର କୌଣସି ସଦସ୍ୟ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥାନ୍ତି ତାର ପ୍ରମାଣ ପତ୍ର

(iv) ଯଦି ପରିବାରର କୌଣସି ସଦସ୍ୟ, ଶାରୀରିକ ବିକଳାଙ୍ଗ ଥିବେ, ତାଙ୍କ ପ୍ରମାଣ ପତ୍ରର ନକଲ ।

(v) ବର୍ତ୍ତମାନ ର ରେସନ କାର୍ଡ଼ (ଯଦି ଥାଏ)

**ପ୍ରଶ୍ନ-୧୪ : ଯଦି କୌଣସି ପରିବାର ପାଖରେ ଭୋଟର କାର୍ଡ଼ (EPIC) ନଥାଏ, ତେବେ ସେ ପରିବାର ଆବେଦନ ପତ୍ର ଦାଖଲ କରିପାରିବ କି ?**

କରିପାରିବେ ନାହିଁ । ପ୍ରଥମେ ପରିବାରର ଯେ କୌଣସି ସଦସ୍ୟଙ୍କ ପାଇଁ EPIC ହାସଲ୍ କରି ପରବର୍ତ୍ତି ସମୟରେ ରେସନ କାର୍ଡ଼ ପାଇଁ ଆବେଦନ କରିବେ । (ଯଦି ଏପରି କୌଣସି ପରବିାର ଟୋକନ ଆବେଦନ ପତ୍ର ନେଇଥାନ୍ତି । ସେମାନଙ୍କ ଆବେଦନ ପତ୍ର ଗ୍ରହଣ କରାଯାଇ ପାରେ । ଯଦି କୌଣସି ଦୁର୍ଘଟଣା ଯୋଗୁଁ ଭୋଟର ପରିଚୟ ପତ୍ର ନଷ୍ଟ ହୋଇଯାଇଥାଏ ତାହାଲେ ଅନ୍ୟ କୌଣସି ଫଟୋ ପରିଚୟ ପତ୍ର ଗ୍ରହଣୀୟ ହୋଇପାରେ ।)

**ପ୍ରଶ୍ନ-୧୫ : ପଞ୍ଜୀକରଣ/ଡ଼ିଜିଟାଇଜେସନ୍ ସମୟରେ ଅଗ୍ରୀମ ଟୋକନ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି ?**

ଟୋକନ ରେ ପଞ୍ଜୀକୃତ ପରିବାରର ପଞ୍ଜୀକରଣ କ୍ରମାଙ୍କ ଏବଂ ଆବେଦନ ପତ୍ର ଦାଖଲ ଅଗ୍ରୀମ ତାରିଖ ଉଲ୍ଲଖିତ ଥାଏ । ଏହି କ୍ରମିକ ସଂଖ୍ୟାକୁ ଭିତ୍ତିକରି ସଂପୃକ୍ତ ପରିବାରର ତଥ୍ୟ ଆବେଦନ ପତ୍ର ଦାଖଲ ତାରିଖ ପୂର୍ବରୁ ସଂଗ୍ରହ କରାଯାଇ ନିର୍ଦ୍ଦିଷ୍ଟ ଦିନରେ ଆବେଦନ ପତ୍ର ଗ୍ରହଣ କରାଯାଏ । ଏହି ପଦ୍ଧତି ଅନୁସରଣ ନ କଲେ, ଶୃଙ୍ଖଳିତ ଭାବେ ଆବେଦନ ପତ୍ର ଗ୍ରହଣ କରାଯାଇ ପାରିବ ନାହିଁ। ଡ଼ିଜିଟାଇଜେସନ୍ ଦିନ କେନ୍ଦ୍ରରେ କେବଳ ନିର୍ଦ୍ଦିଷ୍ଟ ସଂଖ୍ୟାର (୭୫-୧୦୦) ଆବେଦନକାରୀ ଉପସ୍ଥିତ ରହିବେ । ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି ।

**ପ୍ରଶ୍ନ-୧୬ : ପଞ୍ଜୀକରଣ କେନ୍ଦ୍ରରୁ ପାଇଥିବା ଟୋକନ ହଜିଯାଇଥିଲେ, ପରିବାରକୁ କଣ କରିବାକୁ ପଡ଼ିବ ?**

ଏପରି କ୍ଷେତ୍ରରେ ପରିବାର ର ଯେ କୌଣସି ସଦସ୍ୟ ଆବଶ୍ୟକ ଭୋଟର କାର୍ଡ଼ ଓ ବାସସ୍ଥାନ ପ୍ରମାଣ ପତ୍ର ର ମୂଳ କପି ଓ ନକଲ ସହ କେନ୍ଦ୍ରକୁ ଯାଇ କେନ୍ଦ୍ର ପରିଚାଳକଙ୍କୁ ଏ ସଂବଧରେ ଅବଗତ କରାଇବା ଦରକାର । କେନ୍ଦ୍ର ପରିଚାଳକଙ୍କ ନିର୍ଦ୍ଦେଶମତେ ସେ ପରିବାର ଆବେଦନ ପତ୍ର ଦାଖଲ କରି ପାରିବେ ।

**ପ୍ରଶ୍ନ-୧୭ : କୌଣସି କାରଣରୁ ପଞ୍ଜୀକରଣ କରି ନଥିବା ଏବଂ ଟୋକନ ନେଇ ନଥିବା ପରିବାର ଡ଼ିଭିଟାଇଜେସନ କେନ୍ଦ୍ରରେ ଆବେଦନ ପତ୍ର ଦାଖଲ କରିପାରିବେ କି ?**

ନାଁ, ପ୍ରଥମେ ଯୋଗ୍ୟ ପରିବାର ଗୁଡ଼ିକ ଆବେଦନ ପତ୍ର ଓ ଟୋକନ ଗ୍ରହଣ କରିବାକୁ ହେବ । ଯଦି କୌଣସି କାରଣରୁ  ପରିବାରଟି ପଞ୍ଜୀକରଣ କରି ପାରିନାହିଁ, ତେବେ ସେମାନଙ୍କୁ ଅପେକ୍ଷା କରବାକୁ ପଡ଼ିବ । ଟୋକନ ପାଇଥିବା ପରିବାର ଗୁଡ଼ିକର ଆବେଦନ ପତ୍ର ନିର୍ଦ୍ଦିଷ୍ଟ ୧୫ଦିନ ମଧ୍ୟରେ ଗ୍ରହଣ କରାଯିବା ପରେ, ସଂପୃକ୍ତ ବ୍ଲକ ଓ ସହରାଞ୍ଚଳ (Corporation / Municipalty and NAC) ଅଫିସରେ ପଞ୍ଜୀକରଣ ଓ ଆବେଦନ ପତ୍ର ଗ୍ରହଣ କାର୍ଯ୍ୟକ୍ରମ ତିନିମାସ ପାଇଁ ଚାଲିବ, ସେହି ସମୟରେ ଟୋକନ ଗ୍ରହଣ କରିନଥିବା  ପରିବାର ଗୁଡ଼ିକ ପଞ୍ଜୀକରଣ କରିବା ସହ ଆବେଦନ ପତ୍ର ଦାଖଲ କରିପାରିବେ ।

**ପ୍ରଶ୍ନ-୧୮ : ଗୋଟିଏ ପରିବାରର ସ୍ଥାୟୀ ଠିକଣା ଓଡ଼ିଶା ଭିନ୍ନ ଏକ ରାଜ୍ୟ ହୋଇଥିବା ବେଳେ, ଯଦି ପରିବାରଟି ଓଡ଼ିଶାରେ ବାସ କରୁଥାଏ ଓ ରେସନ କାର୍ଡ଼ ପାଇଁ ଯୋଗ୍ୟ ବିବେଚିତ ହୁଏ, ତେବେ ପରିବାରଟି ରେସନ କାର୍ଡ଼ ପାଇଁ ଆବେଦନ କରିପାରିବ କି ?**

ହଁ । ଏହି ପରିବାର ଯଦି ଯୋଗ୍ୟ ଥାଆନ୍ତି, ତେବେ ଆବେଦନ କରିପାରିବେ ।

**ପ୍ରଶ୍ନ-୧୯ : ଯଦି ଗୋଟିଏ ପରିବାର ଭାଂଗି ଅନେକ ପରିବାର ହୋଇଥାଏ, ତେବେ ସେମାନେ କେମିତି ରେସନ କାର୍ଡ଼ ପାଇବେ ?**

NFSA ଅନୁଯାୟୀ ମୁଣ୍ଡପିଛା PDS ରେସନ ଦିଆଯିବ (ଯଥା ମାସିକ ୫କିଲ ହିସାବରେ) । ଭାଂଗି ଯାଇଥିବା ପରିବାରର ସଦସ୍ୟ ସେମାନଙ୍କ ସମ୍ମତି କ୍ରମେ ନୂଆ କାର୍ଡ଼ ପାଇଁ ଆବେଦନ କରିପାରିବେ । ମାତ୍ର ଜଣେ ସଦସ୍ୟ କେବଳ ଗୋଟିଏ କାର୍ଡ଼ରେ ସାମିଲ ହୋଇପାରିବେ ।

**ପ୍ରଶ୍ନ-୨୦ : ଗୋଟିଏ ପରିବାର ଏକାଧିକ ସ୍ଥାନରେ କାର୍ଡ଼ପାଇଁ ଆବେଦନ କରିପାରିବେ କି ?**

ଗୋଟିଏ ପରିବାର ଏକାଧିକ ସ୍ଥାନରେ ରେସନ କାର୍ଡ଼ ପାଇଁ ଆବେଦନ କରିବା ଉଚିତ୍ ନୁହେଁ । ଯଦି କରନ୍ତି ତେବେ ରେସନ କାର୍ଡ଼ ଦେବା ପାଇଁ ଯେଉଁ ବୈଷୟିକ ବ୍ୟବସ୍ଥା କରାଯାଇଛି ସେଥିରେ ସେମାନେ ଧରାପଡ଼ିବେ । ଏପରି କ୍ଷେତ୍ରରେ, ଏକାଧିକ ସ୍ଥାନରେ ଆବେଦନ କରିଥିବା ପରିବାର କୌଣସି ସ୍ଥାନରେ କାର୍ଡ଼ ପାଇଁ ପାରିବେ ନାହିଁ ବା କୌଣସି ଗୋଟିଏ ସ୍ଥାନରେ ଗୋଟଏ କାର୍ଡ଼ ପାଇବାକୁ ବହୁ ବିଳମ୍ବ ହେବ ।

**ପ୍ରଶ୍ନ-୨୧ : ଗୋଟିଏ ପରିବାରର ସଦସ୍ୟ ଏକାଧିକ ସ୍ଥାନରେ କାମ କରୁଥିଲେ, କେଉଁଠାରେ ସେମାନେ ରେସନ କାର୍ଡ଼ ପାଇଁ ଆବେଦନ କରିବେ ?**

ଉପଯୁକ୍ତ ପରିଚୟ ଓ ବାସିନ୍ଦା ପ୍ରମାଣ ପତ୍ର ଦେଇ ବାସକରୁଥିବା ସ୍ଥାନ ମାନଙ୍କରେ ରେସନ କାର୍ଡ଼ ପାଇଁ ଆବେଦନ କରାଯାଇ ପାରିବ । ଏଭଳି କ୍ଷେତ୍ରରେ ଜଣେ ସଦସ୍ୟ ଭିନ୍ନ ଭିନ୍ନ ସ୍ଥାନରେ ଆବେଦନ କରାଯାଇଥିବା କାର୍ଡ଼ରେ ସଦସ୍ୟ ହୋଇପାରିବ ନାହିଁ । ଜଣେ ସଦସ୍ୟ ଭିନ୍ନ ସ୍ଥାନ ପାଇଁ ପ୍ରମାଣ ପତ୍ର ହାସଲ (ବାସସ୍ଥାନ/ ପରିଚୟପତ୍ର) କରିଥିବା ସତ୍ତ୍ୱେ କେବଳ ଗୋଟିଏ ସ୍ଥାନରେ ହିତାଧିକାରୀ ଭାବେ ଗ୍ରହଣ ହେବେ । ଯଦି କୌଣସି ବ୍ୟକ୍ତି ଏକାଧିକ ସ୍ଥାନରେ ଓ ଏକାଧିକ କାର୍ଡ଼ରେ ସାମିଲ ହେବାର ଅପଚେଷ୍ଟା କରନ୍ତି, ତେବେ ବ୍ୟକ୍ତି ବିଶେଷକୁ ଅନୁସୃତ କମ୍ପ୍ୟୁଟର ମାଧ୍ୟମରେ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ।

**ପ୍ରଶ୍ନ-୨୨ : କୌଣସି ପରିବାରର ଆଧାର କାର୍ଡ଼ ନଥାଏ, ତେବେ ସେ ରେସନ କାର୍ଡ଼ ପାଇଁ ଆବେଦନ କରିପାରିବ କି ?**

ହଁ , ମାତ୍ର ଆଧାରକାର୍ଡ଼ ପାଇବା ପାଇଁ ପରିବାରଟି ଚେଷ୍ଟାଜାରି ରଖିବା ଉଚିତ । ଏହି କାର୍ଡ଼ ପରବର୍ତ୍ତୀ ସମୟରେ ରେସନ କାର୍ଡ଼ ସହ ସଂଯୁକ୍ତ ହେବାର ଆବଶ୍ୟକତା ରହିଛି ।

**ପ୍ରଶ୍ନ-୨୩ : ଯଦି କୌଣସି ଏକ ପରିବାର ବାଦଦେବା ମାନଦଣ୍ଡ ବା Exclusion Criteria ଅନୁସାରେ ରେସନ କାର୍ଡ଼ ପାଇଁ ଯୋଗ୍ୟ ହେଉନାହାନ୍ତି, ମାତ୍ର ପରିବାରର ଜଣେ ସଦସ୍ୟ Auto Inclusion Card ଅର୍ନ୍ତଭୁକ୍ତ ହୁଏ, ତେବେ ସେ ପରିବାର ରେସନ କାର୍ଡ଼ ପାଇଁ ଆବେଦନ କରିପାରିବେ କି ?**

ହଁ ।

**ପ୍ରଶ୍ନ-୨୪ : ଯଦି ଜଣେ ଶାରିରୀକ ବିନଳାଂଗ ବ୍ୟକ୍ତିଙ୍କ ପାଖରେ ପ୍ରମାଣ ପତ୍ର ନ ଥାଏ, ତେବେ ସେହି ପରିବାରର ଆବେଦନ ପତ୍ର ଗ୍ରହଣ କରାଯାଇପାରିବ କି ?**

ହଁ । ଆବେଦନ ପତ୍ର ଗ୍ରହଣ କରାଯିବ । ତେବେ ସେ ପରିବାର ୮ଟି ବାଦଦେବା ମାନଦଣ୍ଡ ଅନୁଯାୟୀ ତାଙ୍କ ଆବେଦନ ପତ୍ରକୁ ବିଚାରକୁ ନିଆଯିବ । Auto Inclusion ମାନଦଣ୍ଡ ତାଙ୍କ ଲାଗୁ କରାଯିବ ନାହିଁ ।

**ପ୍ରଶ୍ନ-୨୫: ଆବେଦନ ପତ୍ର ଦାଖଲ କରିବା ପରେ ସଂପୃକ୍ତ ପରିବାରଙ୍କୁ କିଛି ପ୍ରମାଣ ପତ୍ର ମିଳିବ କି ?**

ହଁ, ଆବେଦନକାରୀ ଆବେଦନ ପତ୍ର ଦାଖଲ କରିସାରିବା ପରେ କେନ୍ଦ୍ର ଅଧିକାରୀ ମାନେ ସେହି ତଥ୍ୟ କୁ ଡ଼ିଜିଟାଇଜ କରିବେ ଓ କମ୍ପ୍ୟୁଟରର ତଥ୍ୟ ଆବେଦନ କାରୀଙ୍କୁ ପଢ଼ି ଶୁଣାଇବେ । ତଥ୍ୟ ଠିକ ଥିବା ସଂବନ୍ଧୀୟ ସମ୍ମତି ପାଇବା ପରେ, କେନ୍ଦ୍ର ଅଧିକାରୀ ଆବେଦନ କାରୀଙ୍କୁ ଏକ "ପ୍ରାପ୍ତି ସ୍ୱୀକାର ପତ୍ର" ଦେବେ । ଆବେଦନ କାରୀ ଏହାକୁ ସାଇତି ରଖିବା ଆବଶ୍ୟକ । ଏହା ରେସନ କାର୍ଡ଼ ଗ୍ରହଣ ସମୟରେ ଦରକାର ପଡ଼ିବ ।